ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀଙ୍କ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP)

ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼
ଭୁବନେଶ୍ୱର

ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ, ଓଡିଶା ସରକାର

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ

(ଗୌରବ ଏବଂ ପ୍ରଗତିର ପନ୍ଥା)

ରାଜ୍ୟର ଗ୍ରାମାଞ୍ଚଳରେ (ଯାହାର ଜନସଂଖ୍ୟା ୨୦,୦୦୦ ରୁ କମ୍ ହୋଇଥିବ) ବାସ କରୁଥିବା ଆଗ୍ରହୀ ବ୍ୟକ୍ତି ବିଶେଷ, ସମବାୟ ସମିତି, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ସର୍ବାଧିକ ୨୫ ଲକ୍ଷ ଟଙ୍କା ପୁଞ୍ଜି ବିନିଯୋଗରେ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗଙ୍କ ଦ୍ୱାରା ଅନୁମୋଦିତ ଗ୍ରାମ୍ୟଶିଳ୍ପ ପ୍ରତିଷ୍ଠା କାର୍ଯ୍ୟ ତ୍ୱରାନ୍ୱିତ କରି ଶିକ୍ଷିତ ବେକାର ଯୁବକ, ଯୁବତୀ, କୁଶଳୀ କାରିଗର ତଥା ଅଣକୁଶଳୀ ଜନସାଧାରଣଙ୍କୁ କର୍ମଯୋଗାଣ ଦ୍ୱାରା ରୋଜଗାରକ୍ଷମ କରିବା ପାଇଁ ମାର୍ଜିନରାଶି ବାବଦରେ ଅନୁଦାନ ପ୍ରଦାନ କରାଯାଉଛି ।

ଏହି ଯୋଜନା ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ ଏବଂ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗଙ୍କ ମାଧ୍ୟମରେ ଗ୍ରାମାଞ୍ଚଳରେ ଓ ଜିଲ୍ଲା ଶିଳ୍ପ କେନ୍ଦ୍ର ଜରିଆରେ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ କାର୍ଯ୍ୟକାରୀ କରାଯାଉଛି ।

ସର୍ବାଧିକ ପୁଞ୍ଜି ବିନିଯୋଗର ପରିମାଣ: ଉତ୍ପାଦନ ଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ୨୫ ଲକ୍ଷ ଟଙ୍କା ଓ ସେବା ଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ୧୦ ଲକ୍ଷ ଟଙ୍କା ।

ଶିକ୍ଷାଗତ ଯୋଗ୍ୟତା : ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗରେ ଉତ୍ପାଦନ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ଓ ୫ ଲକ୍ଷରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗରେ ସେବା ଭିତ୍ତିକ ଶିଳ୍ପ ପ୍ରତିଷ୍ଠା ପାଇଁ ଅଷ୍ଟମ ଶ୍ରେଣୀ ପାଶ୍ ହୋଇଥିବା ଦରକାର ।

ଆବେଦନ କରିବାର ପ୍ରଣାଳୀ: ଆବେଦନକାରୀ www.kviconline.gov.in/pmegpeportal ରେ online ମାଧ୍ୟମରେ ଯାଇ ସଠିକ ଭାବରେ ଡାଟା ପୁରଣକରି ଓ ନିମ୍ନଲିଖିତ ଦସ୍ତାବିଜକୁ Scan କରିବାପୂର୍ବକ upload କରି ଆବେଦନ କରିବେ ।

ଆବଶ୍ୟକ ପ୍ରମାଣ ପତ୍ର : ଆଧାରକାର୍ଡ଼, ଫଟୋ, ଶିକ୍ଷାଗତ ଯୋଗ୍ୟତା, ପ୍ରକଳ୍ପ ବିବରଣୀ, ଜାତିଗତ ପ୍ରମାଣପତ୍ର ଏବଂ ଜନ ସଂଖ୍ୟା ପ୍ରମାଣ ପତ୍ର ।

ହିତାଧିକାରୀ ମନୋନୟନ: ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ପ୍ରତ୍ୟେକ ଜିଲ୍ଲା ପାଇଁ ଗୋଟିଏ ଲେଖାଏଁ District Task Force Committee ଗଠନ କରାଯାଇଛି । ମିଳିଥିବା ଦରଖାସ୍ତ ମନୋନୟନ କରାଯାଇ ବ୍ୟାଙ୍କକୁ ମଞ୍ଜୁରୀ ପାଇଁ ସୁପାରିଶ କରାଯିବ ।

ଦରଖାସ୍ତ ମଞ୍ଜୁରୀ : ବ୍ୟାଙ୍କ ପ୍ରସ୍ତାବିତ ଉଦ୍ୟୋଗର Techno-Economic Viability ଉପରେ ଅନୁଧ୍ୟାନ ପରେ ଉପଯୁକ୍ତ ବିବେଚିତ ଉଦ୍ୟୋଗକୁ ମଞ୍ଜୁରୀ ପ୍ରଦାନ କରିବେ ।

ଉଦ୍ୟୋଗକାରୀ ଉନ୍ନୟନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତାଲିମ (EDP) (କ) : ବ୍ୟାଙ୍କ ଦ୍ୱାରା ଋଣ ମଞ୍ଜୁରୀ ପରେ ସମ୍ପୃକ୍ତ ହିତାଧିକାରୀ ଉଦ୍ୟୋଗକାରୀ ଉନ୍ନୟନ କାର୍ଯ୍ୟକ୍ରମ ସମ୍ବନ୍ଧୀୟ ତାଲିମ ନେବା ବାଧ୍ୟତାମୂଳକ ଅଟେ ।

(ଖ): ହିତାଧିକାରୀ online ମାଧ୍ୟମରେ ମଧ୍ୟ EDP Training ନେଇପାରିବେ । ନିମ୍ନଲିଖିତ Link ଓ ଯୋଗାଯୋଗ ମାଧ୍ୟମରେ ସବିଶେଷ ବିବରଣୀ ପାଇପାରିବେ । Website : www.udyami.org.in/Contact : 0752 6000333, 07526000555/Email : helpdesk@udyami.org.in

ନିଜସ୍ୱ ଅଂଶଧନ (Own Contribution) : ଏହି ଯୋଜନାରେ ସାଧାରଣ ବର୍ଗର ହିତାଧିକାରୀ ମୋଟ ପୁଞ୍ଜି ବିନିଯୋଗର ୧୦% ଓ ଦୁର୍ବଳ ବର୍ଗର ହିତାଧିକାରୀ ମୋଟ ପୁଞ୍ଜି ବିନିଯୋଗର ୫% ହିସାବରେ ନିଜସ୍ୱ ଅଂଶଧନ (Own Contribution) ଜମା କରିବେ ।

ବ୍ୟାଙ୍କ ଦ୍ୱାରା ଅର୍ଥ ପ୍ରଦାନ: ହିତାଧିକାରୀଙ୍କ ଦ୍ୱାରା Own Contribution ଦାଖଲପରେ ବ୍ୟାଙ୍କ ଦ୍ୱାରା ମଞ୍ଜୁର ଅର୍ଥ ପ୍ରଦାନ କରାଯିବ ।

ମାର୍ଜିନ ରାଶି ପ୍ରଦାନର ପରିମାଣ: ସାଧାରଣ ବର୍ଗର ହିତାଧିକାରୀଙ୍କ ସପକ୍ଷରେ ମୋଟ ପୁଞ୍ଜି ବିନିଯୋଗର ୨୫% ଓ ଦୁର୍ବଳ ବର୍ଗର **ଯଥା:** ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆବର୍ଗ, ମହିଳା, ସଂଖ୍ୟାଲଘୁ ସମ୍ପ୍ରଦାୟ, ଦିବ୍ୟାଙ୍ଗ, ଅବସର ପ୍ରାପ୍ତ ସେନା କର୍ମଚାରୀ ହିତାଧିକାରୀଙ୍କ ସପକ୍ଷରେ ମୋଟ ପୁଞ୍ଜି ବିନିଯୋଗର ୩୫% ।

ମାର୍ଜିନ ରାଶି ପ୍ରଦାନ ପ୍ରଣାଳୀ: ମାର୍ଜିନ ରାଶି ବାବଦରେ ପ୍ରଦତ୍ତ ରାଶି ସମ୍ପୃକ୍ତ ହିତାଧିକାରୀଙ୍କ ନାମରେ ତିନି ବର୍ଷ ପାଇଁ ମିଆଦି ଜମା ହିସାବରେ ରଖାଯିବ । ମୋଟ ଋଣ ମଞ୍ଜୁର ପରିମାଣ ମଧ୍ୟରୁ ମାର୍ଜିନ ରାଶି ବାବଦରେ ପ୍ରଦାନ କରାଯାଇଥିବା ଅର୍ଥ ପାଇଁ ସୁଧ ପ୍ରଦାନ କରାଯିବ ନାହିଁ ଏବଂ ସମ ପରିମାଣର ଋଣ ପାଇଁ ସୁଧ ଲାଗୁ କରାଯିବ ନାହିଁ ।

ବାସ୍ତବ ସତ୍ୟାପନ ଓ ମାର୍ଜିନ ରାଶି ସମଯୋଜନ: ତିନି ବର୍ଷ ମଧ୍ୟରେ ପ୍ରତିଷ୍ଠିତ ଉଦ୍ୟୋଗର ବାସ୍ତବ ସତ୍ୟାପନ କରାଯିବ । ବାସ୍ତବ ସତ୍ୟାପନ ସମୟରେ ଉଦ୍ୟୋଗଟି ଚାଲୁଥିବା ଅବସ୍ଥାରେ ଥିଲେ ପ୍ରଦତ୍ତ ମାର୍ଜିନ ରାଶି ଋଣ ବାବଦରେ ସମଯୋଜନ କରାଯିବ । ଉଦ୍ୟୋଗଟି ବନ୍ଦ ଥିଲେ ମାର୍ଜିନ ରାଶି ବାବଦରେ ପ୍ରଦାନ କରାଯାଇଥିବା ଅର୍ଥ ଫେରସ୍ତ ଆଣାଯିବ ।

ନିଷିଦ୍ଧ ଶ୍ରେଣୀଭୁକ୍ତ କାର୍ଯ୍ୟଗୁଡିକର ସୂଚୀ : (କ) ଗୋ ମାଂସ କଟା, ପ୍ରକ୍ରିୟାକରଣ ଏବଂ ତତ୍ ସମ୍ପର୍କୀୟ ଖାଦ୍ୟ ପରିବେଷଣ ସହିତ ଜଡ଼ିତ କୌଣସି ଉଦ୍ୟୋଗ ବା ବ୍ୟବସାୟ; ବିଡ଼ି, ପାନ, ସିଗାର୍ ଓ ସିଗାରେଟ୍ ପ୍ରଭୃତି ନିଶାଦ୍ରବ୍ୟର ଉତ୍ପାଦନ ଅଥବା ବିକ୍ରୟ; କୌଣସି ହୋଟେଲ ଢ଼ାବା ଅଥବା ବାହ୍ୟ ବିକ୍ରୟ କେନ୍ଦ୍ର ଦ୍ୱାରା ମଦ ବିକ୍ରୟ; ତମାଖୁ ଜାତୀୟ ଦ୍ରବ୍ୟର କଞ୍ଚାମାଲ ହିସାବରେ ଉତ୍ପାଦନ ବା ପ୍ରସ୍ତୁତି ଏବଂ ତାଡି ପ୍ରସ୍ତୁତି ପ୍ରଭୃତିକୁ ଅନୁମତି ପ୍ରଦାନ କରାଯିବ ନାହିଁ । ହୋଟେଲ ବା ଢ଼ାବାରେ ଆମିଷ ଜାତୀୟ ଦ୍ରବ୍ୟର ପ୍ରସ୍ତୁତି ଓ ବିକ୍ରୟ ଅନୁମୋଦନୀୟ ।

ଖ) ଶସ୍ୟ ଜାତୀୟ ଦ୍ରବ୍ୟର ଚାଷ: ଚା, କଫି ଓ ରବର୍ ଚାଷ; ରେଶମ କୀଟ ପାଳନ, ଉଦ୍ୟାନ କୃଷି, ଫୁଲ ଚାଷ ଏବଂ ଏ ସମସ୍ତ କୃଷିର ମୂଲ୍ୟଯୁକ୍ତ ସଂପ୍ରସାରଣ (Value Addition) ପିଏମ୍ଇଜିପିରେ ଅନୁମୋଦନୀୟ । ଅଣକୃଷି ଅଥବା କୃଷି ସମ୍ପର୍କିତ କାର୍ଯ୍ୟକ୍ରମ ଯଥା - ରେଶମକୀଟ ପାଳନ, ଉଦ୍ୟାନ କୃଷି ଓ ଫୁଲଚାଷ ଇତ୍ୟାଦି ଅନୁମୋଦନୀୟ ।

ଗ) ପଶୁ ପାଳନ ଅନ୍ତର୍ଗତ ମତ୍ସ୍ୟଚାଷ, ଘୁଷୁରୀପାଳନ, କୁକୁଡା ପାଳନ ଓ ଗାଈ ପାଳନ ଇତ୍ୟାଦି ଉଦ୍ୟୋଗ ବା ବ୍ୟବସାୟ ।

ଘ) ଖାଦ୍ୟ ପଦାର୍ଥ ସଂରକ୍ଷଣ, ବହନ ତଥା ପ୍ୟାକେଜିଂ ନିମିତ୍ତ ବ୍ୟବହୃତ ଏବଂ ପରିବେଶ ପ୍ରଦୂଷଣକାରୀ ୨୦ ମାଇକ୍ରନ୍‌ଠାରୁ କମ୍ ଘନତ୍ୱ ବିଶିଷ୍ଟ ପଲିଥିନ୍ ଥଳୀ କିମ୍ବା ପ୍ରକ୍ରିୟାକୃତ ପ୍ଲାଷ୍ଟିକ୍‌ରୁ ନିର୍ମିତ କ୍ୟାରୀବ୍ୟାଗ୍ କିମ୍ବା କୌଣସି ପାତ୍ର ଏବଂ ସେହିପରି ଅନ୍ୟ ପଦାର୍ଥର ନିର୍ମାଣ ।

ସର୍ବାଧିକ ପୁଞ୍ଜି ବିନିଯୋଗର ପରିମାଣ:

ଦ୍ରଷ୍ଟବ୍ୟ: ଉତ୍ପାଦନ ଭିତିକ ଶିଳ୍ପ ପାଇଁ ପ୍ରକଳ୍ପର କାର୍ଯ୍ୟକାରୀ ରୂଣରାଶି ଅଂଶ (working Capital Loan Component) ଶତକଡା ଚାଳିଶ ଭାଗରୁ ଅଧିକ ହେଉନଥିବ ଏବଂ ସେବାଭିତ୍ତିକ ଓ ବ୍ୟବସାୟଭିତ୍ତିକ ଶିଳ୍ପ ପାଇଁ ଶତକଡା ଷାଠିଏ ଭାଗରୁ ଅଧିକ ହେଉନଥିବ ।

ଦ୍ୱିତୀୟବାର ରଣ ନେବାର ବ୍ୟବସ୍ଥା: ଏହି ଯୋଜନାରେ ଜଣେ ହିତାଧିକାରୀ ନିଜର ସ୍ଥିତାବସ୍ଥାରେ ଥିବା ପ୍ରକଳ୍ପ (Existing Unit) ର ଉନ୍ନତିକରଣ (Upgradation) ପାଇଁ ରଣ ଆବେଦନ କରିପାରିବେ । ଉତ୍ପାଦନ ଭିତିକ ଶିଳ୍ପ ପାଇଁ ଏକ କୋଟି ପର୍ଯ୍ୟନ୍ତ ଓ ସେବା / ବ୍ୟବସାୟ ଭିତ୍ତିକ ଶିଳ୍ପ ପାଇଁ ପଚିଶ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟବସ୍ଥା ଅଛି । ଏହି ଯୋଜନାରେ ୧୫% subsidy ମିଳିପାରିବ ।

ଏହି ଯୋଜନାରେ ରଣ ନେବାକୁ ହେଲେ ନିମ୍ନଲିଖିତ ସର୍ତ୍ତ ପୁରଣ କରିବାକୁ ହେବ ।

୧.ପ୍ରଥମେ ପାଇଥିବା ମାର୍ଜିନ ରାଶି (Margin Money Subsidy) ଠିକ୍ ଭାବରେ adjust ହୋଇଥିବ ।

୨.ପ୍ରଥମେ ନେଇଥିବା ରଣ ସଠିକ୍ ଭାବରେ ଓ ସମୟ ଅନୁସାରେ ବ୍ୟାଙ୍କକୁ ସୁଝାଯାଇଥିବ ।

୩.ପ୍ରକଳ୍ପର Turnover ଭଲ ହେଉଥିବ ଏବଂ ଏହା ଲାଭରେ ଚାଲୁଥିବ ଓ ନୂଆ ଟେକନୋଲୋଜି ବ୍ୟବହାର କରି Turnover ବଢ଼ାଇବା ପାଇଁ କ୍ଷମତା ରଖିଥିବ ।

ନିମ୍ନଲିଖିତ ଗ୍ରାମ୍ୟ ଶିଳ୍ପ ପାଇଁ ମାର୍ଜିନ ରାଶି ଯୋଜନାରେ ଆର୍ଥିକ ସାହାଯ୍ୟ ଯୋଗାଇ ଦେଉଛନ୍ତି ।

ଖଣିଜ ଜାତ ଶିଳ୍ପ: (୧) ମୃତ୍ତିକା ଶିଳ୍ପ (୨) ଚୂନ ପଥର, ଶାମୁକା, ସିମେଣ୍ଟ ଓ ଅନ୍ୟାନ୍ୟ (୩) ପଥର କାଟିବା, ଖୋଦେଇ, ଗୁଣ୍ଡ କରିବା (୪) ପଥର ବାସନ (୫) ସ୍ଲେଟ ଓ ସ୍ଲେଟ ପେନ୍‌ସିଲ (୬) ଚିକ୍କଣ ପାଉଡର (୭) ବାସନ ମଜା ପାଉଡର (୮) ଗୋଲ କୋଇଲା (୯) ଗହଣା ତିଆରି (ସୁନା, ରୂପା, ପଥର, ଶାମୁକା, ଯେକୌଣସି କୃତ୍ରିମ ଜିନିଷ) (୧୦) ଟିକା, ବିନ୍ଦି ପ୍ରସ୍ତୁତି (୧୧) ଚୁଡି, ଶଙ୍ଖା ପ୍ରସ୍ତୁତି (୧୨) ବାର୍ଣ୍ଣିସ୍ ରଙ୍ଗ ଇତ୍ୟାଦି ପ୍ରସ୍ତୁତି (୧୩) କାଚ, କଣ୍ଢେଇ ତିଆରି (୧୪) ଦର୍ପଣ (କାଚ) ନିର୍ମିତ ପଦାର୍ଥ କଟା (୧୫) ରତ୍ନ ପଥର କଟା । ଫ୍ଲାଇ ଆସ୍ ବ୍ରିକସ୍ / ସିରାମିକ୍ ଇତ୍ୟାଦି ।

ଜଙ୍ଗଲ ଜାତ ଶିଳ୍ପ: (୧୬) ଖଇର ପ୍ରସ୍ତୁତି (୧୭) ଲାଖ ଓ ଝୁଣା ସଂଗ୍ରହ (୧୮) ଲାଖ ପ୍ରସ୍ତୁତି (୧୯) ଦିଆସିଲି ଶିଳ୍ପ, ଧୂପକାଠି, ଆତସବାଜୀ (ବାଣ ପ୍ରସ୍ତୁତି) (୨୦) ବେତ ଓ ବାଉଁଶ କାମ (୨୧) ଜଙ୍ଗଲ ଜାତ ଦ୍ରବ୍ୟର ସଂଗ୍ରହ, ପ୍ରକ୍ରିୟାକରଣ ଓ ପ୍ୟାକିଙ୍ଗ୍ (୨୨) ମହୁ ଚାଷ ଇତ୍ୟାଦି

ହାତ ତିଆରି କାଗଜ ଓ ଚତୁଃଶିଳ୍ପ : (୨୩) ହାତ ତିଆରି କାଗଜ (୨୪) କାଗଜରେ ପ୍ରସ୍ତୁତ କପ୍, ପ୍ଲେଟ୍, ମୁଣି ଓ ଠୁଙ୍ଗା ଇତ୍ୟାଦି (୨୫) କାଗଜରେ ମନୋହାରୀ ଜିନିଷ, ରେଜିଷ୍ଟାର, ଲଫାପା ତିଆରି ଓ ଖାତା ବନ୍ଧେଇ (୨୬) ବେଣାଚେରରୁ ଖସ୍ ଖସ୍ ପ୍ରସ୍ତୁତି ଓ ଝାଡୁ ତିଆରି (୨୭) ଷ୍ଟୋଟ ପ୍ରସ୍ତୁତ ସାମଗ୍ରୀ ।

ଶସ୍ୟ ଓ ଖାଦ୍ୟ ଭିତ୍ତିକ ଶିଳ୍ପ: (୨୮) ଶସ୍ୟ, ଡାଲି ଓ ମସଲା ଇତ୍ୟାଦି ପ୍ରକ୍ରିୟାକରଣ, ପ୍ୟାକିଙ୍ଗ୍ ଓ ବିକ୍ରୟ (୨୯) ନୁଡୁଲ୍ ତିଆରି (୩୦) ବିଦ୍ୟୁତ୍ ଚାଳିତ ଅଟାକଳ (୩୧) ଗହମ ଖଣ୍ଡରେ ପ୍ରସ୍ତୁତି ଖାଦ୍ୟ (୩୨) ଛୋଟ ଧାନକଳ (୩୩) ତାଳଗୁଡ ଓ ତାଳ ଗଛରୁ ପ୍ରସ୍ତୁତି ଦ୍ରବ୍ୟ (୩୪) ଆଖୁ, ଗୁଡ ଓ ନବାତ ପ୍ରସ୍ତୁତି (୩୫) ମିଠା ଦୋକାନ (୩୬) ଆଖୁରସ ଓ ଫଳ ସଂରକ୍ଷଣ (୩୭)

ଆଇସ୍‌କ୍ରିମ୍, ପାମ୍ପଡ, ଟମାଟୋ ଓ ସୋୟା ସସ୍ (୩୮) ଫଳ, ପନିପରିବା ଆଚାର ପ୍ରସ୍ତୁତି ଓ ସଂରକ୍ଷଣ (୩୯) ଘଣା ତେଲ, (୪୦) ମେନ୍‌ଥଲ ତେଲ (୪୧) ପାଉଁରୁଟି (୪୨) ଔଷଧୀୟ ଗୁଣସମ୍ପନ୍ନ ଫଳ, ଗୁଲ୍ମ ଜଙ୍ଗଲ ଚେରମୂଳି ସଂଗ୍ରହ ଏବଂ ପ୍ରକ୍ରିୟାକରଣ (୪୩) ମକା ଓ ଅଳସି ସାମଗ୍ରୀ ପ୍ରସ୍ତୁତି (୪୪) ଆଳୁ ଓ କଦଳୀ ଚିପସ୍, (୪୫) କାଜୁ ପ୍ରକ୍ରିୟାକରଣ (୪୬) ଫଳ ରସ, ପିଠା (୪୭) ଦୁଗ୍ଧ ପ୍ରସ୍ତୁତି ଏକକ, ଗୋ-ଖାଦ୍ୟ ଓ କୁକୁଡା ଖାଦ୍ୟ ତିଆରି ଇତ୍ୟାଦି ।

ପଲିମର ଓ ରସାୟନ ଶିଳ୍ପ: (୪୯) ଚମଡା ଛଡାଇବା, ପରିଷ୍କାର କରିବା ଏବଂ କଞ୍ଚା ଚମଡାକୁ ଖାଇରିଆ କରିବା ଏବଂ ଚମଡା ଶିଳ୍ପ ନିମନ୍ତେ ଆନୁସଙ୍ଗିକ ଚମଡା ପ୍ରସ୍ତୁତ କରିବା (୫୦) କୁଟୀର ସାବୁନ ଶିଳ୍ପ (୫୧) ରବର ପ୍ରସ୍ତୁତ ସାମଗ୍ରୀ (୫୨) ରେକ୍ସିନ୍ ତିଆରି ସାମଗ୍ରୀ (୫୩) ଶିଂଘ ଓ ହାଡୀ ହାଣ୍ଡରେ ତିଆରି ସାମଗ୍ରୀ (୫୪) ମହମ ବତୀ, ଗନ୍ଧକ ଓ ମୋହର ଦିଆ ଜଉ ତିଆରି (୫୫) ପ୍ଲାଷ୍ଟିକ ବନ୍ଧେଇ ସାମଗ୍ରୀ (୫୬) ବିନ୍ଦି ତିଆରି (୫୭) ମେହେନ୍ଦି ତିଆରି (୫୮) ଆବଶ୍ୟକୀୟ ଦେହଲଗା ତେଲ ପ୍ରସ୍ତୁତି (୫୯) ସାମ୍ପୋ ତିଆରି (୬୦) ମୁଣ୍ଡଲଗା ତେଲ ପ୍ରସ୍ତୁତି (୬୧) ଡିଟରଜେଣ୍ଟ ଓ ଲୁଗା ସଫା ପାଉଡର ଇତ୍ୟାଦି ।

ଯାନ୍ତ୍ରିକ ଓ ଅଣଯାନ୍ତ୍ରିକ ଶକ୍ତି: (୬୨) କାଷ୍ଠ ଶିଳ୍ପ (୬୩) ଲୌହ ଶିଳ୍ପ (୬୪) ଆଲୁମିନିୟମ୍ ବାସନକୁସନ ପ୍ରସ୍ତୁତି (୬୫) ଗୋବର ପ୍ରସ୍ତୁତି ସାର ଓ ଇନ୍ଧନ ଗ୍ୟାସ୍ (୬୬) ଆବର୍ଜନାରୁ ଜୈବିକ ସାର ପ୍ରସ୍ତୁତି (୬୭) ପେପର୍ କ୍ଲିପ୍ , ପିନ୍, ସେଫ୍ଟିପିନ୍, ଷ୍ଟୋଭ୍ ପିନ୍ (୬୮) ସାଜସଜ୍ଜା ବଲବ, ବୋତଲ ଗ୍ଲାସ୍ ପ୍ରସ୍ତୁତି (୬୯) ଛତା ତିଆରି (୭୦) ସୌର ଓ ପବନ ଚାଳିତ ଯନ୍ତ୍ରପାତି (୭୧) ପିତ୍ତଳ ତିଆରି ଆସବାବ ପତ୍ର (୭୨) ତମ୍ବା ତିଆରି ବାସନକୁସନ (୭୩) କଂସା ବାସନ ତିଆରି (୭୪) ତମ୍ବା ଓ ରସରୁ ବାସନ କୁସନ (୭୫) ରେଡିଓ (ବେତାର ଯନ୍ତ୍ର) ମରାମତି (୭୮) ଭୋଲ୍‌ଟେଜ୍ ଷ୍ଟାବିଲାଇଜର ତିଆରି (୭୯) ଇଲେକ୍ଟ୍ରୋନିକ ଘଡି ଓ ଆଲାର୍ମ ଘଣ୍ଟା ତିଆରି (୮୦) କାଷ୍ଠ ଖୋଦେଇ ଓ କାରୁକାର୍ଯ୍ୟ ଆସବାବ ପତ୍ର ତିଆରି (୮୧) ଟିଣ ଶିଳ୍ପ (୮୨) ମୋଟର ୱାଇଡିଙ୍ଗ (୮୩) ତାରଜାଲି ବୁଣା (୮୪) ଲୁହା ଫାଟକ ତିଆରି (୮୫) ଗ୍ରାମ୍ୟ ପରିବହନ ନିମନ୍ତେ ଯାନ ତିଆରି ଯଥା: ଶଗଡ଼, ହୁଳି ଡଙ୍ଗା, ହାତଟଣା ଗାଡି, ସାଇକେଲ ଓ ରିକ୍ସା ଫିଟିଙ୍ଗ୍ ଓ ମରାମତି, ଶକ୍ତିଚାଳିତ କାଠ ଯାନ ଇତ୍ୟାଦି (୮୬) ବାଦ୍ୟଯନ୍ତ୍ର ତିଆରି (୮୭) ଏୟାର କୁଲର, ମହୁ ବାକ୍ସ, ଷ୍ଟିଲ୍ ଫାବ୍ରିକେସନ୍, ୱାଟର ଫିଲ୍‌ଟର ଇତ୍ୟାଦି ।

ସେବା ଓ ବୟନ ଶିଳ୍ପ : (୮୭) ପଲ୍ଲିବସ୍ତ୍ର (ହାତ ଭିଣା ତୁଳାରୁ ପ୍ରସ୍ତୁତ ସୂତା ଓ ତୁଳା ବା ସିଲ୍କ ବା ମସ୍‌ଲିନ୍ ମିଶ୍ରିତ ହାତବୁଣା ଲୁଗା (୮୮) ଲୋକ ବସ୍ତ୍ର କପଡ଼ା ତିଆରି (୮୯) ଗଞ୍ଜି ବସ୍ତ୍ର ଓ ଗଞ୍ଜି ତିଆରି (୯୦) ସିଲାଇ ଏବଂ ପୋଷାକ ତିଆରି (୯୧) ବାଟିକ୍ କାର୍ଯ୍ୟ (୯୨) ଖେଳନା ଓ କଣ୍ଢେଇ ପ୍ରସ୍ତୁତି (୯୩) ସୂତା ଓ ପଶମ ଗୁଳା କିମ୍ବା କେରା ପ୍ରସ୍ତୁତି (୯୪) ଏମ୍ବ୍ରୋଡୋରୀ (୯୫) ବ୍ୟାଣ୍ଡେଜ୍ ପଟି ପ୍ରସ୍ତୁତି (୯୬) ଷ୍ଟୋଭ୍ ବଳିତା ପ୍ରସ୍ତୁତି (୯୭) ଲଣ୍ଡ୍ରୀ (୯୮) ସେଲୁନ୍ (୯୯) ପାଇପ୍ କାମ (୧୦୦) ଘରୋଇ ଇଲେକ୍ଟ୍ରୋନିକ ଉପକରଣ ମରାମତି ଓ ଇଲେକ୍ଟ୍ରିକାଲ ୱାୟରିଙ୍ଗ (୧୦୧) ଡିଜେଲ୍ ଇଞ୍ଜିନ୍ ପମ୍ପସେଟ ମରାମତି (୧୦୨) ଟାୟାର ମରାମତି ଏକକ (୧୦୩) କୀଟନାଶକ ସ୍ପ୍ରେୟର, ପମ୍ପସେଟ୍ ଇତ୍ୟାଦିର ମରାମତି (୧୦୪) ଡାକବାଜି ଯନ୍ତ୍ର ଭଡ଼ାଦେବା ଓ ମରାମତି କରିବା (୧୦୫) ବ୍ୟାଟେରୀ ଚାର୍ଜିଙ୍ଗ୍ କରିବା (୧୦୬) ଆର୍ଟ ବୋର୍ଡ ପ୍ରସ୍ତୁତି (୧୦୭) ସାଇକେଲ୍ ମରାମତି ଦୋକାନ (୧୦୮) ରାଜମିସ୍ତ୍ରୀ (୧୦୯) ବ୍ୟାଣ୍ଡ ପାର୍ଟି (୧୧୦) ମୋଟର ଚାଳିତ ଡଙ୍ଗା (ଫାଇବର ଗ୍ଲାସ୍) (୧୧୧) ଢାବା (ମଦଯୋଗାଣ ବ୍ୟତୀତ) (୧୧୨) ଚା' ଦୋକାନ (୧୧୩) ଆୟୋଡିନ୍ ଯୁକ୍ତ ଲୁଣ ଉତ୍ପାଦନ (୧୧୪) ସ୍କ୍ରିନ୍ ପ୍ରିଣ୍ଟିଂ, ୱେବ୍ ଡିଜାଇନିଂ ଓ ଟେଣ୍ଟ ହାଉସ୍ କମ୍ପ୍ୟୁଟର ମରାମତି ଇତ୍ୟାଦି ।

ଦ୍ରଷ୍ଟବ୍ୟ: କୌଣସି ପ୍ରକାର ଅଫଲାଇନ୍ ଆବେଦନ ପତ୍ର ଗ୍ରହଣଯୋଗ୍ୟ ନୁହେଁ ।

ଓଡିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼

ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧

ଦୂରଭାଷ (ଟେଲିଫୋନ୍)-୦୬୭୪-୨୩୮୦୭୬୬

Email : odishakhadi@gmail.com, Website : odishakvib.in

ବିଶଦ ବିବରଣୀ ପାଇଁ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼, ଜିଲ୍ଲା ଶିଳ୍ପ କେନ୍ଦ୍ରରେ କାର୍ଯ୍ୟରତ ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ପର୍ଯ୍ୟବେକ୍ଷକ ତଥା ଜିଲ୍ଲା ସଂଯୋଜକ ଏବଂ ନିମ୍ନଲିଖିତ ଦୂରଭାଷ (ଟେଲିଫୋନ୍) ନମ୍ବରରେ ଯୋଗାଯୋଗ କରାଯାଇପାରେ :

ମୁଖ୍ୟ କାର୍ଯ୍ୟାଳୟ - ୯୦୪୦୧୪୨୦୭୫ / ମଧ୍ୟଜୋନ୍ (କଟକ) - ୯୮୬୧୨୫୭୧୭୧

ଦକ୍ଷିଣ ଜୋନ୍ (ବ୍ରହ୍ମପୁର) - ୯୪୩୭୩୫୭୪୧୩ / ଉତ୍ତର ଜୋନ୍ (ସମ୍ବଲପୁର) - ୯୪୩୮୭୨୪୬୩୫